# ବି. ସୁବ୍ବାରାମା ନାଇଡୁ
## ବନାମ
## ବି. ସିଦାମ୍ମା ନାଇଡୁ ଏବଂ ଅନ୍ୟମାନେ

1961
ଏପ୍ରିଲ 5

(କେ. ସୁବ୍ବା ରାଓ, ରଘୁବର ଦୟାଲ ଏବଂ ଜେ. ଆର. ମୁଧୋଲକର, ନ୍ୟାୟାଧୀଶବୃନ୍ଦ)

*ମଧ୍ୟସ୍ଥତା - ସନ୍ଦର୍ଭ ଆଦେଶ- ଯଦି ଦିଆଯିବ ତେବେ କେଉଁ ତାରିଖ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ ତାହା ନିର୍ଦ୍ଦିଷ୍ଟ କରିବାକୁ ପଡିବ- ଅଧିନିର୍ଣ୍ଣୟ-ବୈଧତା-କେବେ ବାତିଲ କରାଯାଇପାରିବ-ମଧ୍ୟସ୍ଥତା ଅଧିନିୟମ 1940 (10/1940 ), ଧାରା ଗୁଡିକ 23 (1), 30 ।*

ଆବେଦନରେ ନିର୍ଦ୍ଧାରିତ ହେବାକୁ ଥିବା ପ୍ରଶ୍ନଗୁଡ଼ିକ ଏଇଆ ଥିଲା ଯେ, ଅଧିନିର୍ଣ୍ଣୟଟି ଅବୈଧ ଥିଲା କି ନାହିଁ, (1) ନ୍ୟାୟାଳୟଙ୍କ ଦ୍ୱାରା ମଧ୍ୟସ୍ଥତା ଅଧିନିୟମ 1940ର ଧାରା 23 ର ଆଦେଶ ସୂଚକ ପ୍ରାବଧାନ ଗୁଡିକ ର ପାଳନ କରିବାରେ ବିଫଳ ହେବା କାରଣରୁ ଯଥା, ଯେଉଁ ସମୟ ମଧ୍ୟରେ ଅଧିନିର୍ଣ୍ଣୟ ପ୍ରଦାନ କରାଯିବ, ତାହା ଆଦେଶରେ ନିର୍ଦ୍ଦିଷ୍ଟ ହେବା ଆବଶ୍ୟକ (2) ଆବେଦନକାରୀଙ୍କୁ ସମ୍ପତ୍ତିର ଅଧାରୁ କମ୍ ଅଂଶ ଆବଣ୍ଟନ କରିବାରେ ମଧ୍ୟସ୍ଥି ଭୁଲ କରିଥିଲେ କି ।

ନିର୍ଣ୍ଣିତ କରାଗଲା କି ଯେ, ମଧ୍ୟସ୍ଥତା ଅଧିନିୟମ 1940 ର ଧାରା 23 (1) ଅନୁଯାୟୀ, ଏହା ଅତ୍ୟାବଶକ ଯେ ଅଧିନିର୍ଣ୍ଣୟ ପ୍ରଦାନ କରିବାର ସମୟ ସ୍ଥିର ହେବା ଆବଶ୍ୟକ; କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଯେଉଁଠାରେ ନ୍ୟାୟାଳୟ ପ୍ରସଙ୍ଗ କ୍ରମରେ ସମୟ ସୂଚିତ କରିବାକୁ ଭୁଲିଯାଇଥିବେ ଏବଂ କାର୍ଯ୍ୟାନୁଷ୍ଠାନର ଅନ୍ୟତ୍ର ସ୍ଥାନରେ ସମୟାତୀତ ସୂଚିତ କରବା ଦ୍ୱାରା ପ୍ରସଙ୍ଗଟି ଅବୈଧ ହୋଇଯିବ ।

ଫଳସ୍ୱରୂପ ଏକ ମାମଲାରେ ଯେତେବେଳେ ନ୍ୟାୟାଳୟଙ୍କର ଆଦେଶ ପତ୍ରଟି, ସନ୍ଦର୍ଭ ଆଦେଶ ସହିତ ପଠନ କରାଗଲା, ଏହା ସ୍ପଷ୍ଟ କରାଯାଇଥିଲା ଯେ ଯେଉଁ ତାରିଖ ପର୍ଯ୍ୟନ୍ତ ମକଦ୍ଦମା ସ୍ଥଗିତ ରଖାଯାଇଥିଲା, ସେହି ତାରିଖ ସୁଦ୍ଧା ମଧ୍ୟସ୍ଥି ତାଙ୍କ ରାୟ ଦାଖଲ କରିବାର ଥିଲା, ଏହା କୁହାଯାଇପାରିବ ନାହିଁ ଯେ ଅଧିନୀୟମର ଅନୁପାଳନ କରାଯାଇ ନାହିଁ ।

*ରାଜା ହର ନାରାୟଣ ସିଂହ ବନାମ ଚୌଧୁରୀ ଭଗୱନ୍ତ କୁମାର (1891) L.R. 18 I.A. 55ର ଉଲ୍ଲେଖ କରାଯାଇଛି ।*

ଆହୁରି ମଧ୍ୟ କୁହାଯାଇଥିଲା ଯେ, କେବଳ ଆବେଦନକାରୀ ତାଙ୍କ ଧାର୍ଯ୍ୟ ଅଂଶଠାରୁ କମ୍ ପାଇଥିବାରୁ ରାୟଟିକୁ ମନ୍ଦ ଏବଂ "ଅନ୍ୟଥା ଅବୈଧ" କୁହାଯାଇପାରିବ ନାହିଁ । ଅଦାଲତ ଜଣେ

1961
ସୁବ୍ବାରାମା ନାଇଡୁ
ବନାମ
ସିଦାମ୍ମା ନାଇଡୁ
ନ୍ୟାୟାଧୀଶ
ମୁଧୋଲକର

ମଧ୍ୟସ୍ଥିଙ୍କ ଶ୍ରେଷ୍ଠ ରାୟ ଆଧାରରେ ଦିଆଯାଇଥିବା ନିଷ୍ପତ୍ତିରେ ଅସାଧୁତା ପରିଲକ୍ଷିତ ନହେବା ଯାଏଁ ନିଷ୍ପତ୍ତିରେ ହସ୍ତକ୍ଷେପ କରିପାରିବେ ନାହିଁ ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 12/1958 ।

ମାଡ୍ରାସ ଉଚ୍ଚନ୍ୟାୟାଳୟଙ୍କର ଆଦେଶ ସଂଖ୍ୟା 54/1949 ରେ ଏପ୍ରିଲ୍ 6,1953 ର ରାୟ ଏବଂ ଆଦେଶରୁ, ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହି ଅବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏସ୍. ଟି. ଦେଶାଇ ଏବଂ କେ. ଆର୍. ଚୌଧୁରୀ* ଆବେଦନ କରିଥିଲେ ।

*କେ. ଏନ୍. ରାଜାଗୋପାଲା ଶାସ୍ତ୍ରୀ ଏବଂ ଟି. ଭି. ଆର୍. ଟାଟାଚାରୀ,* ଉତ୍ତରଦାତା ସଂଖ୍ୟା 1 ରୁ 5ଙ୍କ ପାଇଁ ।

1961, ଏପ୍ରିଲ 5 ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା                ନ୍ୟାୟାଧୀଶ ମୁଧୋଲକର

ନ୍ୟାୟାଧୀଶ ମୁଧୋଲକର,- ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କର ନିର୍ଣ୍ଣୟରୁ ବିଶେଷ ଅନୁମତି ଦ୍ୱାରା କରାଯାଇଥିବା ଏହି ଆବେଦରେ ଆବେଦନକାରୀଙ୍କ ଦ୍ୱାରା କେତେକ ସମ୍ପତ୍ତିରେ ତାଙ୍କର ଅଧା ଅଂଶର ବିଭାଜନ ଏବଂ ଦଖଲ ପୁନରୁଦ୍ଧାର ପାଇଁ ଦୟାର ହୋଇଥିବା ମକଦ୍ଦମାରେ ନ୍ୟାୟଳୟଙ୍କ ଦ୍ୱାରା ନିଯୁକ୍ତ ଜଣେ ମଧ୍ୟସ୍ଥିଙ୍କ ଦ୍ୱାରା ଦିଆଯାଇଥିବା ରାୟର ବୈଧତାକୁ ତିନୋଟି ଆଧାରରେ ଆପତ୍ତି କରିଛନ୍ତି । ପ୍ରଥମ କାରଣଟି ହେଉଛି ଯେ ମଧ୍ୟସ୍ଥତା ସମ୍ବନ୍ଧୀୟ ସନ୍ଦର୍ଭଟି ସ୍ୱତଃ ଅବୈଧ ଥିଲା କାରଣ ନ୍ୟାୟଳୟ ଯେଉଁ ସମୟ ମଧ୍ୟରେ ଅଧିନିର୍ଣ୍ଣୟଟି ପ୍ରଦାନ କରାଯିବାର ଥିଲା ତାହା ନିର୍ଦ୍ଦିଷ୍ଟ କରିବା ପ୍ରସଙ୍ଗ ପରି, ମଧ୍ୟସ୍ଥତା ଅଧିନିୟମ 1940 (1940ର 10) ର ଧାରା 23, ଉପ-ଧାରା (1) ରେ ଥିବା ବାଧ୍ୟତାମୂଳକ ଆବଶ୍ୟକତା ଗୁଡିକର ପାଳନ କରିବାରେ ବିଫଳ ହୋଇଥିଲେ । ଦ୍ୱିତୀୟ ଆଧାରଟି ହେଉଛି ଯେ ଅଧିନିର୍ଣ୍ଣୟ ଦାଖଲ କରିବା ପାଇଁ ପରବର୍ତ୍ତୀ ସମୟରେ ଅଦାଲତଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ସମୟ ସମାପ୍ତ ହେବା ପରେ ମଧ୍ୟସ୍ଥିଙ୍କ ଦ୍ୱାରା ଅଦାଲତରେ ରାୟ ଦାଖଲ କରାଯାଇଥିଲା । ତୃତୀୟ କାରଣଟି ହେଉଛି ଯେ ଆବେଦନକାରୀଙ୍କୁ ମକଦ୍ଦମାରେ ସମ୍ପତ୍ତିର ଅଧାରୁ କମ୍ ଅଂଶ ଆବଣ୍ଟନ କରିବାରେ ମଧ୍ୟସ୍ଥି ତ୍ରୁଟି କରିଥିଲେ । ଆମ ମତରେ, ଏହି ଆଧାରଗୁଡ଼ିକ ମଧ୍ୟରୁ କୌଣସିଟିରେ ସାରବତ୍ତା ନାହିଁ ।

ଏହା ନିଃସନ୍ଦେହରେ ସତ୍ୟ ଯେ ଧାରା 23 ର ଉପଧାରା (1) ଆବଶ୍ୟକ କରେ ଯେ ମଧ୍ୟସ୍ଥିଙ୍କ ନିକଟକୁ ପଠାଯାଇଥିବା ଏକ ବିବାଦର ରାୟ କେଉଁ ସମୟ ମଧ୍ୟରେ ପ୍ରଦାନ କରାଯିବ ତାହା ନିର୍ଦ୍ଦିଷ୍ଟ କରିବା ଆବଶ୍ୟକ । ରାୟ ଦେବାର ସମୟ ସ୍ଥିର ହେବା ବିଷୟଟି ଅତ୍ୟାବଶକ ଅଟେ । କିନ୍ତୁ ଏହା ଅନୁସରଣ କରେ ନାହିଁ ଯେ, ଯଦି ନ୍ୟାୟାଳୟ ସନ୍ଦର୍ଭ ଆଦେଶରେ ସମୟ

1961
ସୁବ୍ବାରାମା ନାଇଡୁ
ବନାମ
ସିଦାମ୍ମା ନାଇଡୁ
ନ୍ୟାୟାଧୀଶ
ମୁଧୋଲକର

ବିଷୟରେ ସୂଚିତ ନକରି କାର୍ଯ୍ୟାନୁଷ୍ଠାନରେ ଅନ୍ୟତ୍ର ସୂଚିତ କରନ୍ତି, ତେବେ ସନ୍ଦର୍ଭଟି ମନ୍ଦ ହେବ । *ରାଜା ହର ନାରାୟଣ ସିଂହ ବନାମ ଚୌଧରୀନ ଭଗବନ୍ତ କୁଅଁର ଏବଂ ଅନ୍ୟ ଏକ* (1) ମାମଲାରେ, ଯାହା 1882 ମସିହାର ଦେୱାନୀ ପ୍ରକ୍ରିୟା ସଂହିତା ଅନୁଯାୟୀ ଏକ ମାମଲା ଥିଲା, ପ୍ରିଭି ପରିଷଦକୁ ମଧ୍ୟସ୍ଥତା ଆଇନର ଧାରା 23 (1) ସହିତ ଅନୁରୂପ, ଧାରା 508 ର ବ୍ୟବସ୍ଥାଗୁଡ଼ିକ ଆଧାରରେ ବିଚାର କରିବାକୁ ପଡିଲା । ଧାରା ୫୦୮ର ବ୍ୟବସ୍ଥାଗୁଡ଼ିକ ଆଦେଶସୂଚକ ଏବଂ ଅପରିହାର୍ଯ୍ୟ ବୋଲି ଦର୍ଶାଇ ସେମାନେ ମତ ଦେଇଥିଲେ ଯେ ଯଦିଓ ସନ୍ଦର୍ଭ ଆଦେଶରେ ନ୍ୟାୟାଳୟଙ୍କର ଅଧିନିର୍ଣ୍ଣୟ ପ୍ରଦାନ ପାଇଁ ସମୟ ନିର୍ଦ୍ଦିଷ୍ଟ କରିବାରେ ବିଫଳତା, ଅନୁଛେଦର ନିୟମାବଳୀକୁ ପାଳନ କରୁନଥିଲା, ତଥାପି ଏହା ସତ୍ୟ ଆଧାରିତ ଯେ, ନ୍ୟାୟାଳୟଙ୍କ ଦ୍ୱାରା ମାମଲାର ଶୁଣାଣି ପାଇଁ ଏକ ତାରିଖ ସ୍ଥିର କରାଯିବ ବିଷୟଟି "ପର୍ଯ୍ୟାପ୍ତ ହୋଇପାରେ"। ସନ୍ଦର୍ଭ ଆଦେଶଟି ପ୍ରସ୍ତୁତ ହେବା ପରେ ନ୍ୟାୟାଳୟ ବାରମ୍ବାର ସମୟ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସେହି ଆଦେଶ ଗୁଡିକ ଦିଆଯିବାକୁ ଥିବା ଆଦେଶର ସମୟସୀମା ନିର୍ଦ୍ଧାରଣ କରିଥିଲା । ତେଣୁ ପ୍ରିଭି ପରିଷଦଙ୍କ ଆଦେଶ ସମୟ ସ୍ଥିରର ଗୁରୁତ୍ୱ ଉପରେ ଥିଲା, ମାତ୍ର ଏହା ସନ୍ଦର୍ଭ କ୍ରମରେ ସ୍ୱଷ୍ଟ ଭାବରେ ଆଦେଶର ସମୟ ନିର୍ଦ୍ଦିଷ୍ଟ ଆଦେଶର ଆବଶ୍ୟକତା ଉପରେ ନଥିଲା । ଏଠାରେ ନ୍ୟାୟାଳୟଙ୍କର 'ଖ' ଫର୍ମ ଡାଏରୀ ଦର୍ଶାଉଛି ଯେ ଏହି ବିବାଦଟି 1948, ଜାନୁଆରୀ, 22 ତାରିଖରେ ମଧ୍ୟସ୍ଥତା ପାଇଁ ପଠାଯାଇଥିଲା । ସେହି ତାରିଖରେ ଡାଏରୀରେ ହୋଇଥିବା ଏକ ପ୍ରବେଶ ଦର୍ଶାଏ ଯେ "ମକଦ୍ଦମାର ବିଷୟକୁ ମିଳିତ ଆବେଦନ ଦ୍ୱାରା ମଧ୍ୟସ୍ଥତା ନିକଟକୁ ପଠାଯାଇଛି । .......... 24-2-1948 କୁ ଦେଖନ୍ତୁ ।"କଲ୍ ଅନ୍" ଶବ୍ଦର ଅର୍ଥ ନିଶ୍ଚିତ ଭାବରେ ବ୍ୟାଖ୍ୟା କରାଯିବା ଉଚିତ ଯେ ଯେଉଁ ତାରିଖ ପାଇଁ ମକଦ୍ଦମା ସ୍ଥଗିତ ରଖାଯାଇଥିଲା, ଅର୍ଥାତ୍ ଫେବୃଆରୀ 24,1948 ସୁଦ୍ଧା ମଧ୍ୟସ୍ଥି ତାଙ୍କ ଅଧିନିର୍ଣ୍ଣୟ ଦାଖଲ କରିବାକୁ ବାଧ ହୋଇଥିଲେ । ଆମ ମତରେ ଏହି ପ୍ରବେଶଟିକୁ ସନ୍ଦର୍ଭ ଆଦେଶ ସହିତ ପଠନ କରାଯିବ ଉଚିତ ହେବ । ସେଗୁଡ଼ିକର ଏକତ୍ର ପଠନ, 1948 ମସିହା ଫେବୃଆରୀ ମାସ 24 ତାରିଖ ସୁଦ୍ଧା ରାୟ ଦାଖଲ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବିଷୟକୁ ଦର୍ଶାଏ । ସନ୍ଦର୍ଭ ଆଦେଶରେ କେବଳ ଏହି ତାରିଖକୁ ସନ୍ନିବେଷ୍ଟିତ ନକରିବା ବିଷୟଟି, ସନ୍ଦର୍ଭ ଆଦେଶକୁ ବ୍ୟର୍ଥ କରେ ନାହିଁ ।

ମଧ୍ୟସ୍ଥିଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଅଧିନିର୍ଣ୍ଣୟ ଦାଖଲ କରିବାରେ ବିଫଳତା ବିଷୟରେ ବିଦ୍ୱାନ ଓକିଲଙ୍କ ତର୍କ ହେଉଛି ଯେ ଯଦିଓ 25 ମାର୍ଚ୍ଚ, 1948 ରେ, ଜୁନ୍ 23,1948 ସୁଦ୍ଧା ଅଧିନିର୍ଣ୍ଣୟ ଦାଖଲ କରିବାକୁ ସମୟ ସ୍ଥିର କରାଯାଇଥିଲା, ତଥାପି ଅଧିନିର୍ଣ୍ଣୟଟି ପ୍ରକୃତରେ

(1) (1989) L.R. 18 I.A 55.99

ଜୁଲାଇ 6,1948 ପର୍ଯ୍ୟନ୍ତ ଦାଖଲ କରାଯାଇ ନଥିଲା । ବି ଫର୍ମ ଡାଏରୀର ଏକ ସନ୍ଦର୍ଭ ପ୍ରକାଶ କରେ ଯେ 24 ଫେବୃଆରୀ, 1948 ରେ, ମାମଲାଟିକୁ 25, ମାର୍ଚ୍ଚ, 1948 ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ଡାଏରୀରେ "କଲ୍ ଅନ୍" ମନ୍ତବ୍ୟ ରହିଛି ଏବଂ ସ୍ଥଗିତ ତାରିଖ ଉଲ୍ଲେଖ ପୂର୍ବରୁ ଏହି ମନ୍ତବ୍ୟ ଦିଆଯାଇଛି । ଉଚ୍ଚ ନ୍ୟାୟାଳୟ ଏହାର ଅର୍ଥ ବୁଝାଇବାକୁ ଯାଇ ଦର୍ଶାଇଛନ୍ତି ଯେ 1948,ଫେବୃଆରୀ, 24 ତାରିଖରେ ନ୍ୟାୟାଳୟ ଏହି ସମୟସୀମାକୁ 1948, ମାର୍ଚ୍ଚ, 25 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । 1948 ମସିହା, ମାର୍ଚ୍ଚ 25 ତାରିଖର ପ୍ରବେଶରେ ନିମ୍ନଲିଖିତ ବିଷୟଗୁଡ଼ିକ ରହିଛି :

"ଅଧିକ ସମୟ ଦରକାର କରୁଥିଲେ । ଅଧିନିର୍ଣ୍ଣୟ ଦାଖଲ ତାରିଖ ............ 23-6-1948

ଆହୁରି ତିନୋଟି ପ୍ରବେଶ ପ୍ରାସଙ୍ଗିକ ଅଟେ ଏବଂ ସେଗୁଡ଼ିକ ନିମ୍ନରେ ଦିଆଗଲା:

" 23-6-1948 କଲ୍ ଅନ୍ ... 28-6-1948

28-6-1948 କଲ୍ ଅନ୍ ... 6-7-1948

6-7-1948 ଅଧିନିର୍ଣ୍ଣୟ ଦାଖଲ ହେଲା । ଆପତ୍ତି ଗୁଡିକ 13-7-1948 ସୁଦ୍ଧା ଉପସ୍ଥାପନ ହେବ " ।

ଏହି ପ୍ରବେଶ ଗୁଡ଼ିକରୁ ଏହା ସ୍ୱଷ୍ଟ ଯେ ନ୍ୟାୟାଳୟ ଅଧିନିର୍ଣ୍ଣୟ ଦାଖଲ କରିବା ପାଇଁ ତିନି ଘଟଣାରେ ସମୟ ବୃଦ୍ଧି କରିଥିଲେ । ଏହି ଅଧିନିର୍ଣ୍ଣୟଟି ପ୍ରକୃତରେ ଜୁନ୍, 28, 1948 ରେ ପ୍ରସ୍ତୁତ ହୋଇଥିଲା ଏବଂ ଜୁଲାଇ, 6, 1948ରେ କୋର୍ଟରେ ଦାଖଲ କରାଯାଇଥିଲା । ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଅଶକ୍ତ ଭାବରେ ଅନୁରୋଧ କରିଥିଲେ ଯେ ଜୁଲାଇ 2,1948 ରେ, ଅର୍ଥାତ୍ ଅଧିନିର୍ଣ୍ଣୟ ଦାଖଲ ହେବା ପୂର୍ବରୁ, ସେ ମଧ୍ୟସ୍ଥତାକୁ ଅଗ୍ରାହ୍ୟ କରିବା ପାଇଁ ନ୍ୟାୟାଳୟରେ ଏକ ଆବେଦନ କରିଥିଲେ ଏବଂ ଏହି କାରଣରୁ ଏହି ସମୟ ଅବଧି ପରେ ଅଧିନିର୍ଣ୍ଣୟଟି ଦାଖଲ କରାଯାଇପାରିବ ନାହିଁ । କେବଳ ଏହି ପ୍ରକାରର ଏକ ଆବେଦନ ସନ୍ଦର୍ଭକୁ ପ୍ରଭାବିତ କରିପାରିଲା ନାହିଁ । ଏହା ବ୍ୟତୀତ, ଏହି ଅଧିନିର୍ଣ୍ଣୟଟି ପ୍ରକୃତରେ ସେହି ତାରିଖ ପୂର୍ବରୁ ଦାଖଲ କରାଯାଇଥିଲା, ତେଣୁ ମଧ୍ୟସ୍ଥତାକୁ କୁ ଅଗ୍ରାହ୍ୟ କରିବାପାଇଁ କରାଯାଇଥିବା ଆବେଦନଟି ଯେକୌଣସି ପରିସ୍ଥିତିରେ ବିଳମ୍ବରେ କରାଯାଇଥିଲା ।

ଶେଷ ପ୍ରସଙ୍ଗ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ଯଦିଓ ଆବେଦନକାରୀଙ୍କୁ ଆବଣ୍ଟିତ ଜମିର କ୍ଷେତ୍ରାଞ୍ଚଳ ମକଦ୍ଦମାରେ ଥିବା ଜମିର ମୋଟ କ୍ଷେତ୍ରର ଅଧାରୁ କମ୍ ତଥାପି ଉକ୍ତ ଜମିର ମୂଲ୍ୟ ମକଦ୍ଦମାରେ ଥିବା ସମଗ୍ର ଜମିର ଅଧାରୁ କମ୍ ବୋଲି ସୂଚିତ

କରିବା ପାଇଁ କୌଣସି ଆଧାର ନାହିଁ । ଆମେ ସହମତ ଯେ ନଥିରେ ଥିବା ବିବରଣୀ ଆଧାରରେ, ଆବେଦନକାରୀ ପ୍ରକୃତରେ ସମ୍ପତ୍ତିର ତାଙ୍କ ଉଚିତ ଅଂଶଠାରୁ କମ୍ ପାଇଛନ୍ତି ବୋଲି କହିବା ସମ୍ଭବ ହେବ ନାହିଁ । କିନ୍ତୁ ଏହା ବ୍ୟତୀତ ଆମେ ସୂଚିତ କରୁଅଛୁ ଯେ ଅଧିନୀୟମର ଧାରା ୩୦ ଅନୁଯାୟୀ, ନିମ୍ନଲିଖିତ ତିନୋଟି କାରଣ ଆଧାରରେ କୌଣସି ଅଧିନିର୍ଣ୍ଣୟକୁ ବାତିଲ କରାଯାଇପାରିବ:

(a) ଯେ ଜଣେ ମଧ୍ୟସ୍ଥି କିମ୍ବା ନିର୍ଣ୍ଣେତା ନିଜକୁ କିମ୍ବା କାର୍ଯ୍ୟାନୁଷ୍ଠାନକୁ ଭୁଲ୍ ଭାବରେ ପରିଚାଳିତ କରିଛନ୍ତି;

(b) ଯଦି ଅଧିନିର୍ଣ୍ଣୟଟି, ନ୍ୟାୟାଳୟଙ୍କ ଦ୍ୱାରା ମଧ୍ୟସ୍ଥତାକୁ ରଦ୍ଦ କରିବାପାଇଁ ଆଦେଶ ଦିଆଯିବା ପରେ ଦାଖଲ କରାଯାଇଥିବ କିମ୍ବା ଧାରା 35 ଅନୁଯାୟୀ ମଧ୍ୟସ୍ଥତା କାର୍ଯ୍ୟାନୁଷ୍ଠାନ ଅବୈଧ ହେବା ପରେ;

(c) ଅଧିନିର୍ଣ୍ଣୟଟି ଅନୁଚିତ ଭାବେ କରାୟତ କରାଯାଇଥିବ କିମ୍ବା ଅନ୍ୟଥା ଅବୈଧ ହୋଇଥିବ ।

ସ୍ପଷ୍ଟତଃ ଏହି ଆପତ୍ତି ଖଣ୍ଡ (a) କିମ୍ବା ଖଣ୍ଡ (b) କିମ୍ବା ଖଣ୍ଡ (c) ର ପ୍ରଥମ ଭାଗ ଅଧୀନରେ ଆସିବ ନାହିଁ ।

ପ୍ରଶ୍ନ ହେଉଛି ଏହା ସମ୍ଭବତଃ ଖଣ୍ଡ (c) ର ଦ୍ୱିତୀୟ ଭାଗ ମଧ୍ୟରେ ଆସିପାରେ କି, ଯାହାକି ଅଧିନିର୍ଣ୍ଣୟଟି "ଅନ୍ୟଥା ଅବୈଧ" ଥିଲା କି । ଆପତ୍ତିଟି କୁ ଏହି ଖଣ୍ଡ ଅଧୀନରେ ଆଣିବାପାଇଁ ବିଜ୍ଞ ଓକିଲ ଜଣକ ଏହି ଯୁକ୍ତି ଉପସ୍ଥାପନ କରିଥିଲେ ଯେ ରାୟଟି ମନ୍ଦ ଥିଲା । ଏହି ଅଧିନିର୍ଣ୍ଣୟଟିକୁ ମନ୍ଦ ବୋଲି କୁହାଯିବା ବିଷୟରେ ସହମତି ପ୍ରକାଶ କରିବା ଆମ ପକ୍ଷରେ କଷ୍ଟକର ଥିଲା । ଯେତେବେଳେ କୌଣସି ବିବାଦକୁ ମଧ୍ୟସ୍ଥତା ନିକଟକୁ ପଠାଯାଏ, ସେତେବେଳେ ମଧ୍ୟସ୍ଥିଙ୍କୁ ସଙ୍କୋଟତାର ସହ କାର୍ଯ୍ୟ କରି ନିଜର ଶ୍ରେଷ୍ଠ ରାୟ ଅନୁସାରେ ଏହାର ନିଷ୍ପତ୍ତି ନେବାକୁ ପଡ଼ିଥାଏ । ଏଠାରେ, ତାଙ୍କ ରାୟରେ ମଧ୍ୟସ୍ଥି ଆବେଦନକାରୀଙ୍କୁ କେତେକ ଜମି ଆବଣ୍ଟନ କରିଛନ୍ତି ଯାହା ମକଦ୍ଦମାରେ ଥିବା ସମଗ୍ର ଜମିର ଅଧାରୁ କମ୍ । ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ସେ ସମଗ୍ର ଜମିର ଅଧା ପାଇଁ ହକଦାର । ଏହା ଯୁକ୍ତି ମଧ୍ୟସ୍ଥିଙ୍କ ସମ୍ମୁଖରେ ଥିଲା । ଏହା ସତ୍ତ୍ୱେ ସେ ନିଜ ଦ୍ବାରା ନିର୍ଦ୍ଧାରିତ ସର୍ତ୍ତାବଳୀ ଆଧାରରେ ଏହି ଅଧିନିର୍ଣ୍ଣୟଟି ପ୍ରଦାନ କରିଛନ୍ତି । ମଧ୍ୟସ୍ଥି ଅସାଧୁ ଭାବରେ କାର୍ଯ୍ୟ କରିଥିଲେ ବୋଲି କୌଣସି ସୂଚନା ନଥିବା ପ୍ରତୀୟମାନ ଅଟେ । ତେବେ ଏହା କିପରି କୁହାଯାଇପାରିବ ଯେ ଏହି ଅଧିନିର୍ଣ୍ଣୟଟି ନିଜ ଆଭିମୁଖ୍ୟରେ ମନ୍ଦ ଅଟେ ?

1961
ସୁବ୍ବାରାମା ନାଇଡୁ
ବନାମ
ସିଦାମ୍ମା ନାଇଡୁ
ନ୍ୟାୟାଧୀଶ
ମୁଧୋଲକର

ଉଚ୍ଚ ନ୍ୟାୟାଳୟ ସହିତ ସହମତ ହୋଇ ଆମେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଉତ୍ତରଦାତାଙ୍କ ଖର୍ଚ୍ଚ ସହିତ ଏହା ଆବେଦନକୁ ଖାରଜ କରୁଅଛୁ ।

*ଆବେଦନକୁ ଖାରଜ କରାଗଲା* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।